1952
ମାର୍ଚ୍ଚ 20

අମଜଦ ଖାନ

ବନାମ

ରାଜ୍ୟ

[ସୟିଦ୍ ଫଜଲ୍ ଅଲି ଏବଂ ଭିଭିଆନ୍ ବୋଷ, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତୀୟ ଦଣ୍ଡ ସଂହିତା (1860ର ଅଧିନିୟମ XLV), ଧାରା 97, 102 ଏବଂ 105 - ବ୍ୟକ୍ତିଗତ ପ୍ରତିରକ୍ଷାର ଅଧିକାର - ମୃତ୍ୟୁ କିମ୍ବା ଗୁରୁତର ଆଘାତ ହେବାର ଯୁକ୍ତିଯୁକ୍ତ ଆଶଙ୍କା*

ଏକ ସହରରେ କିଛି ସିନ୍ଧି ଶରଣାର୍ଥୀ ଏବଂ ସ୍ଥାନୀୟ ମୁସଲମାନଙ୍କ ମଧ୍ୟରେ ସାମ୍ପ୍ରଦାୟିକ ଦଙ୍ଗା ଦେଖାଯାଇଥିଲା । ସେହି ଅଞ୍ଚଳରେ ଏହି ସମସ୍ୟା ଆରମ୍ଭ ହୋଇଥିଲା ଯେଉଁଠାରେ ଅଧିକାଂଶ ଦୋକାନୀ ସିନ୍ଧି ଥିଲେ । ସେଠାକାର ମୁସଲମାନଙ୍କ ଦୋକାନରେ ଥିବା ସାମଗ୍ରୀ ସବୁ ଫିଙ୍ଗା ଫୋପଡା କରାଯାଇଥିଲା ଏବଂ କିଛି ମୁସଲମାନ ପ୍ରାଣ ହରାଇଥିଲେ । ଅନ୍ୟ ଏକ ଅଞ୍ଚଳକୁ ବିପଦ ସଙ୍କେତ ବ୍ୟାପିଗଲା, ଯେଉଁଠାରେ ଆବେଦନକାରୀ ଏବଂ ତାଙ୍କ ଭାଇ (ଉଭୟ ମୁସଲମାନ)ଙ୍କ ଦୋକାନ ଥିଲା ଏବଂ ଆବେଦନକାରୀଙ୍କ ସମେତ ସେଠାକାର ଲୋକମାନେ ସେମାନଙ୍କ ଦୋକାନ ବନ୍ଦ କରିବା ଆରମ୍ଭ କରିଥିଲେ । ଦୁଇଟି ଦୋକାନ ଅବସ୍ଥିତ ଥିବା କୋଠାର ଦୁଇ ଅଂଶ ମଧ୍ୟରେ ଥିବା କାନ୍ଥର ଛିଦ୍ର ମାଧ୍ୟମରେ ଆବେଦନକାରୀଙ୍କ ଭାଇଙ୍କ ପରିବାର ଆବେଦନକାରୀଙ୍କ ଭାଗରେ ଥିବା କୋଠାରେ ଆଶ୍ରୟ ନେଇଥିଲେ । ଏକ ବିଶୃଙ୍ଖଳ ଗୋଷ୍ଠୀ ସେଠାରେ ଏକତ୍ରିତ ହୋଇଥିଲେ ଏବଂ ଆବେଦନକାରୀଙ୍କ ସ୍ଥାନୀୟ ଅଞ୍ଚଳରେ ପହଞ୍ଚିଥିଲେ ଏବଂ ତାଙ୍କ ଭାଇଙ୍କ ଦୋକାନକୁ ଲୁଟି ନେଇଥିଲେ ଏବଂ ତାଙ୍କ ଦୋକାନର ଦ୍ୱାରକୁ ଲାଠିରେ ପିଟିବା ଆରମ୍ଭ କରିଥିଲେ । ଆବେଦନକାରୀ ତାଙ୍କ ବନ୍ଧୁକରୁ ଦୁଇଟି ଗୁଳି ଚଳାଇଥିଲେ ଯାହା ଫଳରେ ଜଣେ ସିନ୍ଧିଙ୍କ ମୃତ୍ୟୁ ଘଟିଥିଲା ଏବଂ ଅନ୍ୟ ତିନି ଜଣ ସିନ୍ଧି ଆହତ ହୋଇଥିଲେ । ନିର୍ଣ୍ଣୟ ହେବାକୁ ପ୍ରଶ୍ନ ଏହା ଥିଲା ଯେ ଆବେଦନକାରୀ ତାଙ୍କ ବ୍ୟକ୍ତିଗତ ପ୍ରତିରକ୍ଷା ଅଧିକାରରେ କାର୍ଯ୍ୟ କରିଥିଲେ କି :

ଏହା *ନିର୍ଣ୍ଣୟ ହେଲା* ଯେ, ଭାରତୀୟ ଦଣ୍ଡ ସଂହିତାର ବ୍ୟବସ୍ଥା ଅନୁଯାୟୀ ମାମଲାର ତଥ୍ୟଗୁଡିକ ଆବେଦନକାରୀଙ୍କୁ ବ୍ୟକ୍ତିଗତ ପ୍ରତିରକ୍ଷାର ଅଧିକାର ପ୍ରଦାନ କରିଥିଲା । ଯେଉଁ ପରିସ୍ଥିତିରେ ସେ ଥିଲେ ତାହା ତାଙ୍କୁ ଶରୀରର ବ୍ୟକ୍ତିଗତ ପ୍ରତିରକ୍ଷା ପାଇଁ, ଏପରିକି ମୃତ୍ୟୁ ଘଟାଇବା ପର୍ଯ୍ୟନ୍ତ, ଅଧିକାର ଦେବା ପାଇଁ ଯଥେଷ୍ଟ ଥିଲା କାରଣ ଆବେଦନକାରୀଙ୍କ ପାଖରେ

କର୍ତ୍ତୃପକ୍ଷଙ୍କ ଶରଣାଗତ ହେବାକୁ ସମୟ ନଥିଲା ଏବଂ ସେ କିମ୍ବା ତାଙ୍କ ପରିବାରର ମୃତ୍ୟୁ କିମ୍ବା ଗୁରୁତର ଆଘାତର ସମ୍ମୁଖୀନ ହେବେ ବୋଲି ଆଶଙ୍କା କରିବାର ଯୁକ୍ତିଯୁକ୍ତ ଆଧାର ଥିଲା । ଏହି ଜିନିଷଗୁଡ଼ିକୁ ଅତି ସୂକ୍ଷ୍ମ ତରାଜୁ କିମ୍ବା "ସୁବର୍ଣ୍ଣ ତରାଜୁ" ରେ ତଉଲା ଯାଇପାରିବ ନାହିଁ ।

ଫୌଜଦାରୀ ଆବେଦନ ଅଧିକାରିତା: ଫୌଜଦାରୀ ଆବେଦନ ସଂଖ୍ୟା 50/1951 । ଦୌରା ବିଚାରଣ ସଂଖ୍ୟା 32/1950ରେ ଦୌରା ବିଚାରପତି, ଜବଲପୁର ଅଦାଲତଙ୍କ 2 ଅଗଷ୍ଟ, 1950 ତାରିଖର ରାୟରୁ ଉତ୍ପନ୍ନ ଫୌଜଦାରୀ ଆବେଦନ ସଂଖ୍ୟା 251/1950ରେ ନାଗପୁର ଉଚ୍ଚ ନ୍ୟାୟାଳୟ (କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ହିମିୟନ ଏବଂ ନ୍ୟାୟମୂର୍ତ୍ତି ହିଦାୟତ ଉଲ୍ଲା)ର 26 ସେପ୍ଟେମ୍ବର 1950 ତାରିଖର ରାୟ ଏବଂ ଆଦେଶରୁ ବିଶେଷ ଅନୁମତି ଦ୍ୱାରା ଆବେଦନ ।

ଆବେଦନକାରୀଙ୍କ ପକ୍ଷରୁ *ଏସ୍. ପି. ସିହ୍ନା* ଏବଂ *ଏମ୍. ୱାଇ. ସରିଫ୍, ନୁରୁଦ୍ଦିନ୍ ଅହମ୍ମଦ ଏବଂ* (ସେମାନଙ୍କ ସହିତ *ଶୌକତ ହୁସେନ୍*) ।

ଉତ୍ତରଦାତାଙ୍କ ପକ୍ଷରୁ *ଗୋପାଳ ସିଂହ*।

1952 ମାର୍ଚ୍ଚ, 20 ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା ।

ନ୍ୟାୟମୂର୍ତ୍ତି ବୋଷଙ୍କ ଦ୍ୱାରା - ଏହି ମାମଲାରେ ମୁଖ୍ୟ ପ୍ରଶ୍ନ ହେଉଛି ଯେ ବ୍ୟକ୍ତିଗତ ପ୍ରତିରକ୍ଷା ଅଧିକାର ଅଛି କି । ଅଧିକାଂଶ ତଥ୍ୟ ବିବାଦ ମଧ୍ୟରେ ନାହିଁ ।

1950 ମସିହା ମାର୍ଚ୍ଚ 5 ତାରିଖରେ କଟନୀ ସହରରେ ରହୁଥିବା କିଛି ସିନ୍ଧି ଶରଣାର୍ଥୀ ଏବଂ ସ୍ଥାନୀୟ ମୁସଲମାନମାନଙ୍କ ମଧ୍ୟରେ ଏକ ସାମ୍ପ୍ରଦାୟିକ ଦଙ୍ଗା ଦେଖାଦେଇଥିଲା । ଜଣ୍ଡା ବଜାର କିମ୍ବା ଜଣ୍ଡା ଛକ ନାମରେ ଜଣାଶୁଣା ଅଞ୍ଚଳରେ ଏହି ସମସ୍ୟା ଆରମ୍ଭ ହୋଇଥିଲା । ଏତଲା ପ୍ରସ୍ତୁତ କରିଥିବା ପୋଲିସ କନଷ୍ଟେବଳ ଭରତ ସିଂହ, P. W. 17, କହିଥିଲେ ଯେ ଜଣ୍ଡା ବଜାରର ଅଧିକାଂଶ ଦୋକାନୀ ସିନ୍ଧି ଅଟନ୍ତି । ସେ କହିଥିଲେ ଯେ ଯେତେବେଳେ ତାଙ୍କୁ କୁହାଯାଇଥିଲା ଯେ ସେଠାରେ ସମସ୍ୟା ସୃଷ୍ଟି ହୋଇଛି, ସେତେବେଳେ ସେ ଘଟଣାସ୍ଥଳକୁ ଯାଇଥିଲେ ଏବଂ ଦେଖିଥିଲେ ଯେ ସେହି ଅଞ୍ଚଳର ମୁସଲମାନଙ୍କ ଦୋକାନରେ ଥିବା ସାମଗ୍ରୀ ସବୁ ଇତସ୍ତତଃ ହୋଇ ପଡ଼ିଥିଲା । କିଛି ମୁସଲମାନ ସେମାନଙ୍କ ଜୀବନ ହରାଇଥିଲେ ବୋଲି ମଧ୍ୟ ପ୍ରମାଣ ଅଛି ।

1952
ଅମଜଦ ଖାନ
ବନାମ
ରାଜ୍ୟ
ନ୍ୟାୟାଧୀଶ ବୋଷ

ଏହି ସ୍ଥାନରୁ ସେ ସୁଭାଷ ଛକକୁ ଯାଇଥିଲେ, ଯେଉଁ ଅଞ୍ଚଳରେ ଆବେଦନକାରୀଙ୍କ ଦୋକାନ ଅବସ୍ଥିତ । ଏହା ଜଣ୍ଡା ବଜାରର ପଶ୍ଚିମ ଦିଗରେ ଅବସ୍ଥିତ । ସେ କହିଛନ୍ତି ଯେ ଯେତେବେଳେ ସେ ସେଠାରେ ପହଞ୍ଚିଥିଲେ ତାଙ୍କୁ ଏକ "ଜନ ସମୂହ" ମିଳିଥିଲା କିନ୍ତୁ ଏକ "ବିଶୃଙ୍ଖଳ ଗୋଷ୍ଠୀ" ନୁହେଁ । ସେ ସ୍ୱୀକାର କରିଥିଲେ ଯେ ଘଟଣାସ୍ଥଳରେ ପହଞ୍ଚିବାର ଏକ ମିନିଟ୍ ପରେ ଏକ ବନ୍ଧୁକରୁ ଗୁଳି ଚାଳନା କରାଯାଇଥିଲା ବୋଲି ସେ ଏତଲାରେ କହିଥିଲେ ଏବଂ ସେ କହିଥିଲେ ଯେ ଏତଲାରେ ସେ ଯାହା କହିଥିଲେ ତାହା ସତ୍ୟ ଥିଲା । ଏହା ବିବାଦୀୟ ନୁହେଁ ଯେ ଆବେଦନକାରୀଙ୍କ ଦ୍ୱାରା ଏହି ଗୁଳି ଚାଳନା କରାଯାଇଥିଲା ଏବଂ ଦ୍ୱିତୀୟ ଗୁଳି ଚାଳନା ମଧ୍ୟ ହୋଇଥିଲା, ଏବଂ ଏହା ଜଣେ ବ୍ୟକ୍ତି (ଜଣେ ସିନ୍ଧି)ଙ୍କ ମୃତ୍ୟୁ ଘଟାଇଥିଲା ଏବଂ ଅନ୍ୟ ତିନିଜଣ ଆହତ ହୋଇଥିଲେ, ଯେଉଁମାନେ ମଧ୍ୟ ସିନ୍ଧି ଥିଲେ।

ପ୍ରଦର୍ଶ D-4, ମାନଚିତ୍ର ଦର୍ଶାଏ ଯେ ଆବେଦନକାରୀ ଏବଂ ତାଙ୍କ ଭାଇ ଜାହିଦ୍ ଖାନଙ୍କ ଦୋକାନଗୁଡ଼ିକ ପରସ୍ପର ମଧ୍ୟରେ ସଂଯୁକ୍ତ ହୋଇ ଏକ ଆୟତକ୍ଷେତ୍ରର ଦୁଇଟି ପାର୍ଶ୍ୱ ଗଠନ କରନ୍ତି, ଆବେଦନକାରୀଙ୍କ ଘର ଉତ୍ତର ଦିଗକୁ ମୁହଁ କରିଛି ଏବଂ ଭାଇଙ୍କ ଘର ପୂର୍ବ ଦିଗକୁ ମୁହଁ କରିଛି । ପ୍ରତ୍ୟେକ ଦୋକାନ ଗୋଟିଏ ସଡ଼କ ଆଡକୁ ମୁହଁ କରିଛି ।

ଏହା ପ୍ରମାଣିତ ହୋଇଛି ଯେତେବେଳେ ଜଣ୍ଡା ଛକରେ ଦଙ୍ଗା ଆରମ୍ଭ ହୋଇଥିଲା ଆବେଦନକାରୀଙ୍କ ଅଞ୍ଚଳରେ ଆତଙ୍କ ବ୍ୟାପିଥିଲା ଏବଂ ଆବେଦନକାରୀଙ୍କ ସମେତ ସେଠାକାର ଲୋକମାନେ ସେମାନଙ୍କ ଦୋକାନ ବନ୍ଦ କରିବା ଆରମ୍ଭ କରିଥିଲେ ।

ଆବେଦନକାରୀଙ୍କ ବିବୃତ୍ତି ହେଉଛି ଯେ ବିଶୃଙ୍ଖଳ ଗୋଷ୍ଠୀ ତାଙ୍କ ଅଞ୍ଚଳରେ ପହଞ୍ଚିଥିଲେ ଏବଂ ପୂର୍ବମୁଖୀ କୋଠାକୁ ଜବରଦସ୍ତି ପଶିଥିଲେ ଯେଉଁଠାରେ ତାଙ୍କ ଭାଇଙ୍କ ଦୋକାନ ଅବସ୍ଥିତ ଥିଲା, ଏବଂ ଏହାକୁ ଲୁଟ୍ କରିଥିଲେ । ଉଚ୍ଚ ନ୍ୟାୟାଳୟ ନିର୍ଣ୍ଣୟ କରିଛନ୍ତି ଯେ ଏହା ପ୍ରମାଣିତ ହୋଇଛି ଏବଂ ଏହା ମଧ୍ୟ ନିର୍ଣ୍ଣିତ କରିଛନ୍ତି ଯେ ଆବେଦନକାରୀଙ୍କ ଦ୍ୱାରା ଗୁଳି ଚାଳନା ପୂର୍ବରୁ ଏହା ହୋଇଥିଲା ।

କୋଠାର ଦୁଇଟି ଭାଗ ଯେଉଁଥିରେ ଏହି ଦୁଇଟି ଦୋକାନ ଅବସ୍ଥିତ, ତାର ମଧ୍ୟରେ ଥିବା କାନ୍ଥରେ ଏକ ଛିଦ୍ର ଅଛି ଏବଂ ଉଚ୍ଚ ନ୍ୟାୟାଳୟ ନିର୍ଣ୍ଣୟ କରିଛନ୍ତି ଯେ ଜାହିଦ୍ ଙ୍କ ପରିବାର ଏହି ଛିଦ୍ର ଦେଇ କୋଠାରେ ଥିବା ଆବେଦନକାରୀଙ୍କ ଭାଗରେ ପ୍ରବେଶ କରିଥିଲେ ଏବଂ ସେଠାରେ ଆଶ୍ରୟ ନେଇଥିଲେ । ଉଚ୍ଚ ନ୍ୟାୟାଳୟ ଏହା ମଧ୍ୟ ନିର୍ଣ୍ଣିତ କରିଛନ୍ତି ଯେ ସେତେବେଳେ ଜନ ସମୂହ

ତାଙ୍କ (ଆବେଦନକାରୀଙ୍କ) ଦୋକାନରେ ଅନୁପ୍ରବେଶ କରିଥିଲେ ଏବଂ ଏହାକୁ ଲୁଟ୍ କରୁଥିଲେ ବୋଲି ଆବେଦନକାରୀଙ୍କ ମାଆ ଆବେଦନକାରୀଙ୍କୁ କହିଥିଲେ । ବିଦ୍ୱାନ ନ୍ୟାୟାଧୀଶଗଣ କହିଛନ୍ତି ଯେ ସେ ଯାହା କହିଥିଲେ ତାହା ସମ୍ପୂର୍ଣ୍ଣ ସତ୍ୟ ନଥିଲା କାରଣ ଜନ ସମୂହ କେବଳ ଆବେଦନକାରୀଙ୍କ ଦୋକାନର ଦ୍ୱାରକୁ ଲାଠି ଦ୍ୱାରା ପିଟିଥିଲେ ଯେହେତୁ ସେମାନେ ସେହି ରାସ୍ତା ଦେଇ ଯାଉଥିଲେ କିନ୍ତୁ ଦୋକାନ ଭିତରକୁ ପ୍ରବେଶ କରିନଥିଲେ । କିନ୍ତୁ ସେମାନେ ଏହି ତଥ୍ୟକୁ ସ୍ୱୀକାର କରନ୍ତି ଯେ ଜନ ସମୂହ ସେମାନଙ୍କ ଲାଠି ଦ୍ୱାରା ଆବେଦନକାରୀଙ୍କ ଦୋକାନର ଦ୍ୱାରକୁ ପିଟୁଥିଲେ ।

ଆମ ମତରେ, ଉଚ୍ଚ ନ୍ୟାୟାଳୟ ଦ୍ୱାରା ବିଚାରିତ ତଥ୍ୟ ଏକ ବ୍ୟକ୍ତିଗତ ପ୍ରତିରକ୍ଷା ଅଧିକାର ବହନ କରିବା ପାଇଁ ଯଥେଷ୍ଟ । ଭାରତୀୟ ଦଣ୍ଡ ସଂହିତାର ଧାରା 97 ଅନୁଯାୟୀ ଏହି ଅଧିକାର କେବଳ ମାନବ ଶରୀରକୁ ପ୍ରଭାବିତ କରୁଥିବା କୌଣସି ଅପରାଧ ବିରୁଦ୍ଧରେ ନିଜ ଶରୀରର ପ୍ରତିରକ୍ଷା ପାଇଁ ନୁହେଁ ବରଂ ଅନ୍ୟ କୌଣସି ବ୍ୟକ୍ତିଙ୍କ ଶରୀରକୁ ରକ୍ଷା କରିବା ପାଇଁ ମଧ୍ୟ ଉଦ୍ଦିଷ୍ଟ । ଏହି ଅଧିକାରରେ ସମ୍ପତ୍ତିର ସୁରକ୍ଷା, ତାହା ନିଜର କିମ୍ବା ଅନ୍ୟ କୌଣସି ବ୍ୟକ୍ତିର ହେଉ, ଯେଉଁଥିରେ ଚୋରି, ଡକାୟତି, ଅନିଷ୍ଟ ଏବଂ ଅପରାଧିକ ଅନଧିକାର ପ୍ରବେଶ ଭଳି ନିର୍ଦ୍ଦିଷ୍ଟ ଅପରାଧ ମଧ୍ୟ ଅନ୍ତର୍ଭୁକ୍ତ ଅଟେ । ଏହି ଅଧିକାରର ସୀମା ଏବଂ ଏହାର ପରିସର ଉପରେ ପରବର୍ତ୍ତୀ ଧାରାଗୁଡ଼ିକରେ ନିର୍ଦ୍ଧାରିତ ହୋଇଛି । ଗୋଟିଏ ହେଉଛି, ଯଦି ସୁରକ୍ଷା ପାଇଁ ସରକାରୀ କର୍ତ୍ତୃପକ୍ଷଙ୍କ ଶରଣାଗତ ହେବାକୁ ସମୟ ଥାଏ ତେବେ ଅଧିକାର ଉତ୍ପନ୍ନ ହୁଏ ନାହିଁ, ଏବଂ ଅନ୍ୟଟି ହେଉଛି, ଏହା ପ୍ରତିରକ୍ଷା ଉଦ୍ଦେଶ୍ୟରେ ଆବଶ୍ୟକ ଠାରୁ ଅଧିକ କ୍ଷତି ପହଞ୍ଚାଇବା ପର୍ଯ୍ୟନ୍ତ ସମ୍ପ୍ରସାରିତ ହୁଏ ନାହିଁ । ଅନ୍ୟ ଏକ ସୀମାବଦ୍ଧତା ହେଉଛି ଯେ ଯେତେବେଳେ ମୃତ୍ୟୁ ଘଟୁଛି, ସେତେବେଳେ ଅଧିକାରର ଉପଯୋଗ କରୁଥିବା ବ୍ୟକ୍ତି ନିଜ ପାଇଁ କିମ୍ବା ଯେଉଁ ମାନଙ୍କୁ ସେ ସୁରକ୍ଷା ଦେଉଛନ୍ତି, ସେମାନଙ୍କ ପାଇଁ ମୃତ୍ୟୁ କିମ୍ବା ଗୁରୁତର ଆଘାତର ଯଥାର୍ଥ ଆଶଙ୍କା ରହିବା ଆବଶ୍ୟକ; ଏବଂ ସମ୍ପତ୍ତି କ୍ଷେତ୍ରରେ, ଏହା ପ୍ରତି ବିପଦ ଧାରା 103ରେ ନିର୍ଦ୍ଦିଷ୍ଟ ହୋଇଥିବା ପ୍ରକାରର ହେବା ଆବଶ୍ୟକ । ଭାରତୀୟ ଦଣ୍ଡ ସଂହିତାର ଧାରା 102 ଏବଂ 105ରେ ଏହି ଅଧିକାରର ପରିସରକୁ ଆହୁରି ବ୍ୟାଖ୍ୟା କରାଯାଇଛି ।

ଉଚ୍ଚ ନ୍ୟାୟାଳୟର ମାନ୍ୟବର ନ୍ୟାୟାଧୀଶଗଣ କିମ୍ବା ଦୌରା ବିଚାରପତି ଏହି ବ୍ୟବସ୍ଥାଗୁଡ଼ିକୁ ବିଶ୍ଳେଷଣ କରିନାହାଁନ୍ତି । ଉଭୟ ଅଦାଲତ ଏହି ଧାରଣାରେ ଥିବା ପରି ମନେହୁଏ ଯେ ଅଧିକାର ସୃଷ୍ଟି ହେବା ପୂର୍ବରୁ ଆବେଦନକାରୀଙ୍କ ଦୋକାନର ପ୍ରକୃତ ଲୁଟ୍ ଆବଶ୍ୟକ ଥିଲା ।

ଏଥିରେ ସେମାନେ ଭୁଲ ଅଛନ୍ତି । ଧାରା 102 ଅନୁଯାୟୀ ଶରୀରର ବ୍ୟକ୍ତିଗତ ପ୍ରତିରକ୍ଷାର ଅଧିକାର ଆରମ୍ଭ ହୋଇଥାଏ-

"ଯେତେଶୀଘ୍ର ଏକ ଅପରାଧ ଘଟାଇବାର *ଭୟ* ଏବଂ ଉଦ୍ୟମରୁ ଶରୀର ପ୍ରତି ବିପଦ ଥିବାର ଏକ ଯୁକ୍ତିଯୁକ୍ତ ଆଶଙ୍କା ଉତ୍ପନ୍ନ ହୋଇଥାଏ *ଯଦିଓ, ଏହି ଅପରାଧ ଘଟି ନଥାଇପାରେ*।"

ଆମ୍ଭଦ୍ୱାରା ସ୍ଥିର କରାଯାଇଥିବା ଉପରୋକ୍ତ ବ୍ୟବସ୍ଥାଗୁଡ଼ିକୁ ଅନୁଧ୍ୟାନ କରିବା ଦ୍ୱାରା, ଏହା ସ୍ପଷ୍ଟ ଯେ କର୍ତ୍ତୃପକ୍ଷଙ୍କ ଶରଣାଗତ ହେବାକୁ ଆବେଦନକାରୀଙ୍କ ପାଖରେ ସମୟ ନଥିଲା । ବିଶୃଙ୍ଖଳ ଗୋଷ୍ଠୀ ବା ଜନ ସମୂହ ପୂର୍ବରୁ କୋଠାର ଗୋଟିଏ ଭାଗରେ ପ୍ରବେଶ କରିସାରିଥିଲା ଏବଂ ବାସ୍ତବରେ ଅନ୍ୟ ଭାଗର ଦ୍ୱାରକୁ ବାଡ଼େଇଥିଲା । ଏହା ମଧ୍ୟ ସ୍ପଷ୍ଟ ଯେ ଆବେଦନକାରୀଙ୍କ ପାଖରେ ତାଙ୍କ ପରିବାର କିମ୍ବା ତାଙ୍କ ପ୍ରତି ମୃତ୍ୟୁ ବା ଗୁରୁତର ଆଘାତ ହେବାର ଆଶଙ୍କା କରିବା ପାଇଁ ଯୁକ୍ତିଯୁକ୍ତ ଆଧାର ଥିଲା । ବିଦ୍ୱାନ ଦୌରା ବିଚାରପତି ଭାରତରେ ଏବଂ ବିଶେଷ କରି କଟନୀରେ ସାମ୍ପ୍ରଦାୟିକ ଉନ୍ମାଦର ଦୁଃଖଦାୟକ ପରିଣାମ ପ୍ରତି ସ୍ପଷ୍ଟତାର ସହ ଧ୍ୟାନ ଆକର୍ଷଣ କରିଛନ୍ତି ଏବଂ ସେ ସେହି ସହରରେ ମୁସଲମାନଙ୍କ ଦୋକାନଗୁଡ଼ିକର ନିର୍ବିଚାର ଲୁଟ୍ ବିଷୟରେ ଉଲ୍ଲେଖ କରିଛନ୍ତି । ସେହିପରି ଉଚ୍ଚ ନ୍ୟାୟାଳୟ ମଧ୍ୟ ନିର୍ଣ୍ଣୟ କରିଛନ୍ତି ଯେ -

"ଦେଶରେ ପୂର୍ବରୁ ଯେଉଁ ପରିସ୍ଥିତି ରହିଥିଲା ଏବଂ ଏହି ତଥ୍ୟ ଯେ ଶରଣାର୍ଥୀ ଏବଂ ସ୍ଥାନୀୟ ମୁସଲମାନମାନଙ୍କ ମଧ୍ୟରେ ଥିବା ଉପଦ୍ରବକୁ ଦେଖି ଏହା କୁହାଯାଇପାରିବ ନାହିଁ ଯେ ଯଦି ବିଶୃଙ୍ଖଳ ଗୋଷ୍ଠୀ ତାଙ୍କ ଦୋକାନରେ ପ୍ରବେଶ କରିଥାନ୍ତା ଏବଂ ସେ ଏହାକୁ ବିରୋଧ କରିଥାନ୍ତେ, ତେବେ ଆବେଦନକାରୀଙ୍କ ଜୀବନ ପ୍ରତି କୌଣସି ବିପଦ ରହିନଥାନ୍ତା କିମ୍ବା ସାମାନ୍ୟ ଆଘାତ ହୋଇନଥାନ୍ତେ । ଏହି ଆଶଙ୍କା ନିଃସନ୍ଦେହ ଯୁକ୍ତିଯୁକ୍ତ ହେବ ।"

ଏବଂ ଆମେ ଜାଣୁ ଯେ ଏହା ପୂର୍ବରୁ ଜଣ୍ଡା ଛକରେ ହୋଇଥିବା ଦଙ୍ଗାରେ ମୁସଲମାନଙ୍କ ଦୋକାନଗୁଡ଼ିକୁ ଭାଙ୍ଗି ଲୁଟ କରାଯାଇଥିଲା ଏବଂ ମୁସଲମାନମାନଙ୍କୁ ହତ୍ୟା କରାଯାଇଥିଲା, ଆମ ମତରେ ଉଚ୍ଚ ନ୍ୟାୟାଳୟ ଏହା ଭାବିବାରେ ତ୍ରୁଟି କରିଥିଲେ ଯେ ପ୍ରକୃତରେ ତାଙ୍କ ଦୋକାନ ଭାଙ୍ଗି ବିଶୃଙ୍ଖଳ ଗୋଷ୍ଠୀଙ୍କ ଅନୁପ୍ରବେଶ ପର୍ଯ୍ୟନ୍ତ ଆବେଦନକାରୀଙ୍କୁ ଅପେକ୍ଷା କରିବାକୁ ଥିଲା । ନିଜ ରାୟର ଅନ୍ୟ ଏକ ଅଂଶରେ ମଧ୍ୟ ସେମାନେ ଏହା ଉପରେ ଗୁରୁତ୍ୱାରୋପ କରିଛନ୍ତି, ଯେଉଁଥିରେ ସେମାନେ କହିଛନ୍ତି ଯେ ଗୁଳି ଚାଳନା କରାଯାଇଥିଲା -

"ଯେତେବେଳେ ଦୋକାନରେ କୌଣସି ଲୁଟପାଟ ହୋଇନଥିଲା, *ତେଣୁକରି* ବ୍ୟକ୍ତିଗତ ପ୍ରତିରକ୍ଷାର ଅଧିକାର ନଥିଲା ।"

ଏହା ଯଥେଷ୍ଟ ଥିଲା ଯେ ବିଶୃଙ୍ଖଳ ଗୋଷ୍ଠୀ ପ୍ରକୃତରେ ଘରର ଅନ୍ୟ ଏକ ଅଂଶକୁ ଭାଙ୍ଗି ଏହାକୁ ଲୁଟି ନେଇଥିଲା, ଏହା ଯେ ତାଙ୍କ ପରିବାରର ମହିଳା ଏବଂ ପିଲାମାନେ ସେମାନଙ୍କ ଜୀବନ ଭୟରେ ସୁରକ୍ଷା ପାଇଁ ଆବେଦନକାରୀଙ୍କ ନିକଟକୁ ପଳାଇ ଯାଇଥିଲେ ଏବଂ ବିଶୃଙ୍ଖଳ ଗୋଷ୍ଠୀ ପ୍ରକୃତରେ ତାଙ୍କ ଦ୍ୱାରରେ ସେମାନଙ୍କ ଲାଠି ପିଟିଥିଲେ ଏବଂ ମୁସଲମାନଙ୍କ ଦୋକାନ ପୂର୍ବରୁ ଲୁଟ୍ ହୋଇସାରିଥିଲା ଏବଂ ଆଖପାଖ ଅଞ୍ଚଳରେ ମୁସଲମାନମାନଙ୍କୁ ହତ୍ୟା କରାଯାଇଥିଲା । ତାଙ୍କ ପାଇଁ ଏହା ଜାଣିବା ଅସମ୍ଭବ ଥିଲା ଯେ ଯଦି ସେ ଅପେକ୍ଷା କରିଥାନ୍ତେ, ତେବେ ତାଙ୍କ ଦୋକାନର ସମାନ ଦଶା ହୋଇଥାନ୍ତା କି ନାହିଁ, ଏବଂ ନିଷ୍କର୍ଷରୁ ଜଣାପଡ଼ିଲା ଯେ ଥରେ ଯଦି ସେମାନେ ଅନୁପ୍ରବେଶ କରନ୍ତି ତେବେ ତାଙ୍କ ପରିବାର କିମ୍ବା ତାଙ୍କର ମୃତ୍ୟୁ କିମ୍ବା ଗୁରୁତର ଆଘାତ ହେବାର ଆଶଙ୍କା କରିବା ତାଙ୍କ ପାଇଁ ଯୁକ୍ତିଯୁକ୍ତ ଥିଲା, ଯେଉଁଥିପାଇଁ ସେତେବେଳେ ତାଙ୍କର ବିରୋଧ କରିବାର ଅଧିକାର ଥାଆନ୍ତା ଏବଂ ତାଙ୍କ ପରିବାରକୁ ରକ୍ଷା କରିବା ପାଇଁ ବାସ୍ତବରେ ସେ ଯାହା କରିପାରିବେ ତାହା କରିବାକୁ ବାଧ୍ୟ ହୋଇଥାନ୍ତେ । ବିଶୃଙ୍ଖଳ ଗୋଷ୍ଠୀର ଆଚରଣରେ ଅନୁପ୍ରବେଶ କରିବାର ଆଶଙ୍କା ଏବଂ ଏହା ସହିତ ଅନ୍ତେବାସୀମାନଙ୍କୁ ହତ୍ୟା କିମ୍ବା ଗୁରୁତର ଆଘାତ କରିବାର ଆଶଙ୍କା ଅନ୍ତର୍ନିହିତ ଥିଲା; ବାସ୍ତବରେ ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶମାନେ ନିଜେ କହିଛନ୍ତି ଯେ ତାଙ୍କ ନିଜ ଦୋକାନ ସଙ୍କଟରେ ଥିଲା । ଯେଉଁ ପରିସ୍ଥିତିରେ ସେ ରହିଥିଲେ ତାହା ତାଙ୍କୁ ଶରୀରର ବ୍ୟକ୍ତିଗତ ପ୍ରତିରକ୍ଷା ଏପରିକି ମୃତ୍ୟୁ ଘଟାଇବା ପର୍ଯ୍ୟନ୍ତ ଅଧିକାର ଦେବା ପାଇଁ ଯଥେଷ୍ଟ ଥିଲା । ଏହି ଜିନିଷଗୁଡ଼ିକୁ ଅତି ସୂକ୍ଷ୍ମ ତରାଜୁର ସମୁଦାୟରେ କିମ୍ବା କେତେକ ବିଦ୍ୱାନ ନ୍ୟାୟାଧୀଶଗଣଙ୍କ ଅଭିବ୍ୟକ୍ତି ଅନୁଯାୟୀ, ସୁବର୍ଣ୍ଣ ତରାଜୁରେ ତଉଲା ଯାଇପାରିବ ନାହିଁ ।

ପରବର୍ତ୍ତୀ ଭାବରେ ଆମ୍ଭଙ୍କୁ ଏହା ଦେଖିବା ପାଇଁ ଅଛି ଯେ ଆବେଦନକାରୀ ଆବଶ୍ୟକତାଠାରୁ ଅଧିକ ବଳ ପ୍ରୟୋଗ କରିଛନ୍ତି କି, ଏବଂ ଏଠାରେ ମଧ୍ୟ ଆମେ ସ୍ୱର୍ଣ୍ଣିମ ତରାଜୁ ବ୍ୟବହାର କରିପାରିବୁ ନାହିଁ । ତାଙ୍କ ପାଖରେ ମୃତ୍ୟୁ ଘଟାଇବାର ଅଧିକାର ଥିଲା ଏବଂ ସେ ଏକରୁ ଊର୍ଦ୍ଧ୍ୱ ଲୋକଙ୍କୁ ହତ୍ୟା କରିନଥିଲେ । ସେ କେବଳ ଦୁଇଟି ଗୁଳି ଚଳାଇଥିଲେ ଏବଂ ଉଚ୍ଚ ନ୍ୟାୟାଳୟର ବିଦ୍ୱାନ ନ୍ୟାୟାଧୀଶଗଣ ପର୍ଯ୍ୟବେକ୍ଷଣ କରିଥିଲେ ଯେ, ତାଙ୍କର ଲକ୍ଷ୍ୟ ସ୍ପଷ୍ଟତଃ ନିମ୍ନମାନର ଥିଲା । ଉଚ୍ଚ ନ୍ୟାୟାଳୟ ନିର୍ଣ୍ଣୟ କରିଛନ୍ତି ଯେ ବିଶୃଙ୍ଖଳ ଗୋଷ୍ଠୀ ତାଙ୍କ ଅଞ୍ଚଳକୁ ଯାଇଥିଲେ, ଯେତେବେଳେ କି ସେ ଗୁଳି ଚଳାଇଥିଲେ, ତେଣୁ ଲୁଟ୍ ଏବଂ ଦ୍ୱାର ପିଟିବା ଅଳ୍ପ କିଛି

1952
ଅମଜଦ ଖାନ
ବନାମ
ରାଜ୍ୟ
ନ୍ୟାୟାଧୀଶ ବୋଷ

ବିକ୍ଷିପ୍ତ ବ୍ୟକ୍ତିଙ୍କ ପୃଥକ କାର୍ଯ୍ୟ ନଥିଲା । ଏହା ବିଶୃଙ୍ଖଳ ଗୋଷ୍ଠୀ ଥିଲା ଯିଏ ଏହା କରୁଥିଲା ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଶବ୍ଦରେ,

"ଏହି ତଥ୍ୟ ଯେ କାଟନୀ ସହରରେ ଚାରି ଜଣ ସିନ୍ଧିଙ୍କୁ ଦୁଇଟି ଗୁଳି ଆଘାତ କରିବା ଉଚିତ୍ ଥିଲା ଏବଂ ଅନ୍ୟ କାହାକୁ ନୁହେଁ, ଏହା ଦର୍ଶାଏ ଯେ ପ୍ରତିଦ୍ୱନ୍ଦ୍ୱୀ ସମ୍ପ୍ରଦାୟ ସେହି ଅଞ୍ଚଳରେ ଗତିଶୀଳ ଥିଲେ ।"

ଆମ ମତରେ, ଆବେଦନକାରୀ ଆବଶ୍ୟକତାଠାରୁ ଅଧିକ ବଳ ପ୍ରୟୋଗ କରିନଥିଲେ । ବାସ୍ତବରେ, ଗୁଳିଚାଳନା, ଏକ ପ୍ରତିବନ୍ଧକ ଭାବରେ କାର୍ଯ୍ୟ କରିବା ପରିବର୍ତ୍ତେ, ସେମାନଙ୍କୁ ଉତ୍ସାହିତ କରିଥିଲା ଏବଂ ସେମାନେ ସେହି ସ୍ଥାନରେ ଲୁଣ୍ଠନ ଓ ଲୁଟ୍ ପାଟ୍ କରିଥିଲେ ।

ଆମେ ଆମର ଧ୍ୟାନ ବ୍ୟକ୍ତିର ବ୍ୟକ୍ତିଗତ ପ୍ରତିରକ୍ଷା ଅଧିକାର ଉପରେ ସୀମିତ ରଖିଛୁ, ଯଦିଓ ଏହି କ୍ଷେତ୍ରରେ ସମ୍ପତ୍ତିର ପ୍ରତିରକ୍ଷା ସମ୍ବନ୍ଧୀୟ ପ୍ରଶ୍ନ ଏଥି ସହିତ ଜଡିତ ଅଟେ ।

ପୁନର୍ବିଚାର ପାଇଁ ଆବେଦନକୁ ଅନୁମତି ଦିଆଗଲା । ଦୋଷୀସାବ୍ୟସ୍ତକରଣ ଏବଂ ଦଣ୍ଡାଦେଶକୁ ଅଗ୍ରାହ୍ୟ କରାଗଲା ଏବଂ ଆବେଦନକାରୀଙ୍କୁ ମୁକ୍ତ କରାଯିବ ।

ଆବେଦନକାରୀଙ୍କ ପାଇଁ ପ୍ରତିନିଧି: *ଓ. ପି. ବର୍ମା* ।

ଉତ୍ତରଦାତାଙ୍କ ପାଇଁ ପ୍ରତିନିଧି: *ପି. ଏ. ମେହେଟ୍ଟା* ।

**<u>ଅସ୍ୱୀକରଣ</u>**

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ